# NATIONAL NEWS BULLETIN (ODIA)

**29 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଅପରେସନ୍ ସିନ୍ଦୂର ଉପରେ ସ୍ୱତନ୍ତ୍ର ଆଲୋଚନା ଜାରି

— ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୨ଟା ଯାଏଁ ରାଜ୍ୟସଭା ମୁଲତବୀ ।

- ନୂତନ ଜାତୀୟ ଶିକ୍ଷାନୀତି ଭାରତୀୟ ଶିକ୍ଷାବ୍ୟବସ୍ଥାର ଏକ ପରିବର୍ତ୍ତନଶୀଳ ପୁନଃଜାଗରଣକୁ ପ୍ରତିନିଧିତ୍ୱ କରେ : କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- କୃଷକଙ୍କ ଆୟ ଓ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ସରକାର : କହିଲେ କେନ୍ଦ୍ର କୃଷିମନ୍ତ୍ରୀ ।

- ଆସନ୍ତାକାଲି ଇସ୍ରୋ ଉତ୍କ୍ଷେପଣ କରିବ ନିସାର୍ ଉପଗ୍ରହ ।

ଏବଂ

- ଝାଡ଼ଖଣ୍ଡରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୬ ଜଣ କାଉଡ଼ିଆ ମୃତ ।

# ଏଲ୍ଏସ୍ – ଅପରେସନ୍ ସିନ୍ଦୂର୍

ଲୋକସଭାରେ ଆଜି ଅପରେସନ୍ ସିନ୍ଦୂର ଉପରେ ସ୍ୱତନ୍ତ୍ର ଆଲୋଚନା ଜାରି ରହିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଅପରେସନ୍ ମହାଦେବ ଅଧିନରେ ଭାରତୀୟ ସେନା, ସିଆର୍ପିଏଫ୍ ଏବଂ ଜାମ୍ମୁକାଶ୍ମୀର ପୋଲିସ୍ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଜଡ଼ିତ ଥିବା ୩ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ସେମାନଙ୍କଠାରୁ ତିନୋଟି ରାଇଫଲ ଜବତ କରାଯାଇଥିବା ମନ୍ତ୍ରୀ ଶ୍ରୀ ଶାହ ଗୃହକୁ ସୂଚନା ଦେଇଛନ୍ତି। ସେ ତିନିଜଣ ଆତଙ୍କବାଦୀ ହେଉଛନ୍ତି ସୁଲେମାନ୍ ଶାହ, ଜିବ୍ରାନ ଏବଂ ହାମ୍ଜା ଆଫ୍ଗାନୀ। ସୁଲେମାନ୍ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହୋଇଥିବା ଶ୍ରୀ ଶାହ କହିଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ଶାହ ଅପରେସନ୍ ସିନ୍ଦୂର ପୂର୍ବର ସୁରକ୍ଷା ସ୍ଥିତି ସମ୍ପର୍କରେ ଗୃହକୁ ସୂଚନା ଦେଇଛନ୍ତି।

**– V/O – Amit Shah**

# ରାଜ୍ୟସଭା

ରାଜ୍ୟସଭାରେ ବିଭିନ୍ନ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ଆଜି ପୂର୍ବାହ୍ଣରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଉପାଧ୍ୟକ୍ଷ ହରିବଂଶ ଶୂନ୍ୟକାଳ ଚଳାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବିକରି ବିରୋଧି ଦଳଗୁଡ଼ିକ ହଟ୍ଟଗୋଳ କରିଥିଲେ।

ଉପାଧ୍ୟକ୍ଷ କହିଥିଲେ ସେ ୨୪ଟି ସ୍ଥଗିତାଦେଶ ନୋଟିସ୍ ପାଇଛନ୍ତି ଏବଂ ସେଗୁଡ଼ିକୁ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଖାରଜ କରାଯାଇଛି।

# ଏନ୍‌ଇପି-୫ ଇୟର୍ସ

ଜାତୀୟ ଶିକ୍ଷାନୀତି-୨୦୨୦କୁ ଆଜି ପାଞ୍ଚବର୍ଷ ପୂରଣ ହୋଇଛି । ଦେଶରେ ଅନ୍ତର୍ଭୁକ୍ତିକରଣ, ଶିକ୍ଷାର୍ଥୀ କୈନ୍ଦ୍ରିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତି ମୂଳଦୁଆ ପକାଇଛି । ପାଠ୍ୟପୁସ୍ତକ, ପରୀକ୍ଷାରେ ନମ୍ବର ଆଦି ମଧ୍ୟରେ ଶିକ୍ଷାକୁ ସୀମିତ ନ ରଖି ବିଦ୍ୟାଳୟର ବାତାବରଣକୁ ଅଧିକ ବିକଶିତ କରିବା ଲକ୍ଷ୍ୟ ନେଇ ଏହି ନୀତି ପ୍ରଚଳନ କରାଯାଇଛି । ଶୈକ୍ଷିକ ବାତାବରଣ ସଂସ୍କାର ମାଧ୍ୟମରେ ଏହି ନୀତିର ପ୍ରଭାବ ପ୍ରତ୍ୟେକ କ୍ଷେତ୍ରରେ ପରିଦୃଶ୍ୟ ହେଉଛି । ଜାତୀୟ ଶିକ୍ଷାନୀତି ୮ ଲକ୍ଷ ୯୦ହଜାର ବିଦ୍ୟାଳୟରେ ୪ କୋଟି ୨୦ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି ।

ଏହି ଅବସରରେ ଆଜି ନୂଆଦିଲ୍ଲୀରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ୨୦୨୫ର ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଜାତୀୟ ଶିକ୍ଷାନୀତି-୨୦୨୦ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏକ ପରିବର୍ତ୍ତନଶୀଳ ପୁନର୍ଜାଗରଣର ପ୍ରତିନିଧିତ୍ୱ କରେ। ଏନ୍‌ଇପି-୨୦୨୦ କାଳଜୟୀ ସଭ୍ୟତାଗତ ନୈତିକତାକୁ ପୁନର୍ଜୀବିତ କରୁଛି, ଯାହା ଶିକ୍ଷାକୁ ରାଷ୍ଟ୍ର ନିର୍ମାଣର କେନ୍ଦ୍ରରେ ରଖିଛି। ଏନ୍‌ଇପି-୨୦୨୦ ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା ସହ ନବସୃଜନକୁ ପ୍ରୋତ୍ସାହିତ କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଏଲ୍‌ଏସ୍ – ଫାର୍ମର

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ଯେ ଗତ ଦଶବର୍ଷ ମଧ୍ୟରେ କୃଷକଙ୍କ ଆୟ ଏବଂ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଲୋକସଭାରେ ଆଜି ପ୍ରଶ୍ନକାଳ ସମୟରେ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଚୌହ୍ୱାନ କହିଥିଲେ ୨୦୧୩-୧୪ ବର୍ଷରେ ଖାଦ୍ୟଶସ୍ୟ ଉତ୍ପାଦନ ୨୪୬ ନିୟୁତ ଟନ୍‌ରୁ ବୃଦ୍ଧିପାଇ ଆଜି ୩୫୩ ନିୟୁତ ଟନ୍‌ରେ ପହଞ୍ଚିଛି। ଡାଲି ଉତ୍ପାଦନ ମଧ୍ୟ ୨୦୧୩-୧୪ ବର୍ଷରେ ୧୬ ନିୟୁତ ଟନ୍ ଥିବାବେଳେ ଏବେ ଏହା ୨୫ ନିୟୁତ ଟନ୍‌ରେ ପହଞ୍ଚିଛି। ଶ୍ରୀ ଚୌହ୍ୱାନ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର କୃଷକମାନଙ୍କ ଆୟବୃଦ୍ଧି ପାଇଁ ୬ଟି ପଦକ୍ଷେପ ଗ୍ରହଣ କରିଛନ୍ତି। ଏଗୁଡ଼ିକ ମଧ୍ୟରେ ଉତ୍ପାଦନ ବୃଦ୍ଧି, ମୂଲ୍ୟହ୍ରାସ, କ୍ଷତିର କ୍ଷତିପୂରଣ ଏବଂ କୃଷକଙ୍କ ଉତ୍ପାଦ ପାଇଁ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ଅନ୍ତର୍ଭୁକ୍ତ। ୟୁପିଏ ସରକାର ସମୟରେ କୃଷିକ୍ଷେତ୍ର ପାଇଁ ବଜେଟ ୨୭ ହଜାର କୋଟି ଟଙ୍କା ଥିବାବେଳେ ଏନ୍‌ଡିଏ ସରକାର ସମୟରେ ଏହାକୁ ୧ ଲକ୍ଷ ୨୭ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ଶ୍ରୀ ଚୌହ୍ୱାନ କହିଥିଲେ।

## ନାସା-ଇସ୍ରୋ ନିସାର୍

ଆସନ୍ତାକାଲି ଭାରତୀୟ ସମୟ ସକାଳ ୫ଟା ୪୦ ମିନିଟ୍‌ରେ ଇସ୍ରୋ ଜିଏସ୍‌ଏଲ୍‌ଭି ଏଫ୍-16 ଦ୍ୱାରା ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ସ୍ପେସ୍ ସେଣ୍ଟରରୁ ସିନ୍ଥେଟିକ୍ ଅପର୍ଚର ରାଡାର-ନିସାର୍ ଉପଗ୍ରହ ଉତ୍କ୍ଷେପଣ କରିବ। ଏଥିପାଇଁ ଆଜି ଭାରତୀୟ ସମୟ ଅପରାହ୍ଣ

୨ଟାରୁ କାଉଣ୍ଟଡାଉନ୍ ଆରମ୍ଭ ହେବ। ନିସାର୍ ହେଉଛି ଭାରତୀୟ ମହାକାଶ ଗବେଷଣା ସଂଗଠନ-ଇସ୍ରୋ ଏବଂ ଆମେରିକାର ନ୍ୟାସନାଲ ଏରୋନେଟିକ୍ସ ଏଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ୍ - ନାସାର ପ୍ରଥମ ମିଳିତ ଉପଗ୍ରହ ମିଶନ। ପ୍ରଥମଥର ପାଇଁ ଏକ ଜିଏସ୍ଏଲ୍ଭି ରକେଟ୍ ସୂର୍ଯ୍ୟ ସମକାଳୀନ ମେରୁକକ୍ଷ ପଥରେ ଏକ ଉପଗ୍ରହ ସ୍ଥାପନ କରିବାକୁ ନିସାର୍ ମିଶନ କରାଯାଉଛି।

## ଝାଡ଼ଖଣ୍ଡ ରୋଡ୍ ଆକ୍ସିଡେଣ୍ଟ

ଝାଡ଼ଖଣ୍ଡର ଦେଓଘର ଜିଲ୍ଲାରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୬ ଜଣ କାଉଡିଆଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସଦର ଡାକ୍ତରଖାନା ଏବଂ ଦେଓଘର ଏମ୍ସରେ ଭର୍ତ୍ତି କରାଯାଇଛି। ଦେଓଘର ଡେପୁଟି କମିଶନର ନମନ୍ ପ୍ରିୟେଶ ଲାକ୍ରା କହିଛନ୍ତି ଆଜି ସକାଳ ୫ଟା ୩୦ ମିନିଟ୍ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ଡାକ୍ତରଖାନାରୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ପବିତ୍ର ଶ୍ରାବଣ ମାସରେ ବାବା ବୈଦ୍ୟନାଥଧାମକୁ ପୂଜାର୍ଚ୍ଚନା ପାଇଁ ୩୨ ଜଣ କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ଆଜି ସକାଳେ ଦେଓଘର-ହଂସଡିହା ରାସ୍ତାରେ ମୋହନପୁର ବ୍ଲକର ଜାମୁନିଆ ଚୌକ ନିକଟରେ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ଆତ୍ମୀୟଙ୍କୁ ପ୍ରଧାନମନ୍ତ୍ରୀ ସମବେଦନା ଜ୍ଞାପନ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ବିହାର କ୍ୟାବିନେଟ୍

ବିହାର ରାଜ୍ୟ କ୍ୟାବିନେଟ୍ ଆଜି ରାଜ୍ୟ ପରିମଳ ଶ୍ରମିକ ଆୟୋଗ ଗଠନକୁ ଅନୁମୋଦନ କରିଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସହରାଞ୍ଚଳ ବିକାଶ ଓ ଆବାସ ବିଭାଗର ଏହି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି ।

ବିହାର ରାଜ୍ୟ ସଫେଇ କର୍ମଚାରୀ ଆୟୋଗ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କ କଲ୍ୟାଣ, ଆର୍ଥିକ ଏବଂ ସାମାଜିକ ବିକାଶ ଓ ଅନ୍ୟାନ୍ୟ ଦିଗ ଉପରେ ସରକାରଙ୍କୁ ପରାମର୍ଶ ଦେବେ । ଏକ ଆକଳନ ଅନୁଯାୟୀ ବିହାରର ବିଭିନ୍ନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ପଞ୍ଚାୟତ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ନିଯୁକ୍ତ ୪ ଲକ୍ଷରୁ ଅଧିକ ପରିମଳ କର୍ମଚାରୀ ଆୟୋଗର ପରିସରଭୁକ୍ତ ହେବେ । ବିହାରରେ ୧୯ଟି ପୌର ନିଗମ ଏବଂ ୮ ହଜାରରୁ ଅଧିକ ପଞ୍ଚାୟତ ସମେତ ୨୬୦ର ଅଧିକ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଅଛି, ଯେଉଁଠାରେ ବହୁସଂଖ୍ୟକ ପରିମଳ କର୍ମଚାରୀ ସ୍ୱଚ୍ଛତା ଅଭିଯାନ ଏବଂ ପରିମଳ କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

ବିହାର ରାଜ୍ୟ ପରିମଳ ଆୟୋଗ ଜଣେ ଅଧ୍ୟକ୍ଷ, ଜଣେ ଉପାଧ୍ୟକ୍ଷ ଏବଂ ଅନ୍ୟ ୫ ଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ । ଅବସରପ୍ରାପ୍ତ ସାମ୍ବାଦିକଙ୍କ ପେନ୍‌ସନ୍‌କୁ ମାସିକ ୬ ହଜାର ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରିବା ପ୍ରସ୍ତାବକୁ ମଧ୍ୟ ବିହାର କ୍ୟାବିନେଟ୍ ଆଜି ଅନୁମୋଦନ ଦେଇଛି । ସୂଚନା ଏବଂ ଜନସମ୍ପର୍କ ବିଭାଗ ଦ୍ୱାରା ପରିଚାଳିତ ବିହାର ପତ୍ରକାର ସମ୍ମାନ ପେନସନ୍ ଯୋଜନା ଅଧୀନରେ ସାମ୍ବାଦିକମାନେ ଏଣିକି

ମାସିକ ପେନସନ୍ ଭାବରେ ୧୫ ହଜାର ଟଙ୍କା ପାଇବେ। ସେମାନଙ୍କ ମୃତ୍ୟୁ କ୍ଷେତ୍ରରେ ଏହି ଯୋଜନାର ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ଜୀବନସାଥୀ ମାସିକ ୧୦ ହଜାର ଟଙ୍କା ପେନସନ୍ ପାଇବାକୁ ହକ୍‌ଦାର ହେବେ।

# ଆଇଏସ୍‌ସି ୨୫ ସ୍କିଲ ଡେଭଲପମେଣ୍ଟ

ଦକ୍ଷତା ବିକାଶ ଏବଂ ଉଦ୍ୟୋଗିତା ମନ୍ତ୍ରାଳୟ ଆଜି ଭାରତ ଦକ୍ଷତା ପ୍ରତିଯୋଗିତା - ଆଇଏସ୍‌ସି ୨୦୨୫ ପାଇଁ ପଞ୍ଜୀକରଣ ଲିଙ୍କ ଖୋଲିଛି। ଏହି ଦ୍ୱିବାର୍ଷିକ ପ୍ରତିଯୋଗିତା ମାଧ୍ୟମରେ ଭାରତର ସବୁଠାରୁ ପ୍ରତିଭାବାନ୍ ଯୁବକମାନଙ୍କୁ ଚିହ୍ନଟ କରିବା, ପୋଷଣ କରିବା ଏବଂ ପୁରସ୍କୃତ କରିବା ପାଇଁ ପରିକଳ୍ପନା କରାଯାଇଛି। ଏହାଦ୍ୱାରା ମେଧାବୀ ଯୁବକମାନେ ଅନ୍ତର୍ଜାତୀୟ ସ୍ତରରେ ରାଷ୍ଟ୍ରର ପ୍ରତିନିଧିତ୍ୱ କରିବାକୁ ଏବଂ ସେମାନଙ୍କର ଦକ୍ଷତା ଓ ବିଶେଷତା ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ହୋଇପାରିବେ। ପ୍ରତିଯୋଗିତାର ଉଦ୍ଦେଶ୍ୟ ହେଉଛି, ଯୁବକମାନଙ୍କୁ ଧନ୍ଦାମୂଳକ ଶିକ୍ଷାରେ କ୍ୟାରିୟର କରିବାକୁ ପ୍ରେରଣା ଦେବା ଏବଂ ଆଜିର ଅର୍ଥନୀତିରେ କୁଶଳୀ କାର୍ଯ୍ୟର ଗୁରୁତ୍ୱକୁ ସ୍ୱୀକାର କରିବା। ଏହି ପ୍ରତିଯୋଗିତାରେ ୬୩ଟି କୌଶଳ ପ୍ରଦର୍ଶିତ ହେବ, ଯେଉଁଥିରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ୧୬ରୁ ୨୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଆଗ୍ରହୀ ପ୍ରତିଯୋଗୀମାନେ ସ୍କିଲ ଇଣ୍ଡିଆ ଡିଜିଟାଲ ହବ୍ ପୋର୍ଟାଲ ଏବଂ ସ୍କିଲ ଇଣ୍ଡିଆ ଡିଜିଟାଲ୍ ୱେବସାଇଟ୍ ମାଧ୍ୟମରେ ନାମ ପଞ୍ଜୀକରଣ

କରିପାରିବେ। ଆସନ୍ତା ସେପ୍ଟେମ୍ବର ୩୦ ତାରିଖକୁ ପଞ୍ଜୀକରଣର ଶେଷ ଅବଧି ରଖାଯାଇଛି।

## ଟାଇଗର ଡେ

ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନ କରାଯାଉଛି। ବାଘମାନଙ୍କ ପ୍ରାକୃତିକ ବାସସ୍ଥାନର ସଂରକ୍ଷଣ ତଥା ବିଶ୍ୱବ୍ୟାପୀ ସଂରକ୍ଷଣ ପ୍ରୟାସ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଏବଂ ସମର୍ଥନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୯ ତାରିଖରେ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯାଇଥାଏ।

ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରି ଶ୍ରୀ ଯାଦବ କହିଛନ୍ତି ୫୮ଟି ସଂରକ୍ଷିତ ଜଙ୍ଗଲ ଏବଂ ୩ ହଜାର ୬୮୨ଟି ବାଘ ସହିତ ଭାରତ ବ୍ୟାଘ୍ର ସଂରକ୍ଷଣରେ ବିଶ୍ୱ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ସେ କହିଛନ୍ତି ବ୍ୟାଘ୍ର ସଂରକ୍ଷଣ କେବଳ ଏକ ପ୍ରଜାତିର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ବାଘଙ୍କ ସଂଖ୍ୟା ବୃଦ୍ଧି ମଧ୍ୟ ସେମାନେ ରହୁଥିବା ଜଙ୍ଗଲର ସ୍ୱାସ୍ଥ୍ୟର ପ୍ରତୀକ।

ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ଜାତୀୟ ପ୍ରାଣୀ ଉଦ୍ୟାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ୧୧ଟି

ନୂତନ ବ୍ୟାଘ୍ର ଅଭୟାରଣ୍ୟ ସୃଷ୍ଟି କରାଯାଇଛି। ୨୦୧୪ରେ ଏହି ଅଭୟାରଣ୍ୟ ସଂଖ୍ୟା ୪୭ ଥିବାବେଳେ ବର୍ତ୍ତମାନ ଏହା ୫୮ରେ ପହଞ୍ଚିଛି। ଭାରତ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସ ଉପରେ ମଧ୍ୟ କାର୍ଯ୍ୟ କରୁଛି। ୯୭ଟି ଦେଶରେ ବିଶ୍ୱର ୭ଟି ପ୍ରମୁଖ ବଡ଼ ବିରାଡ଼ି ଜାତୀୟ ପଶୁଙ୍କ ସଂରକ୍ଷଣ ଏହି ଅଭିଯାନର ଲକ୍ଷ୍ୟ ରହିଥିବା ଶ୍ରୀ ଯାଦବ କହିଛନ୍ତି।